# କାହିଁକି ସୁପ୍ରିମକୋର୍ଟ, ନିର୍ବାଚନ ଆୟୁକ୍ତ ଓ ଗଣମାଧ୍ୟମକୁ ଦୋଷୀ କରିବା ?

**ତା.୧୪.୦୩.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଗତ ୨୪ ଘଣ୍ଟା ମଧ୍ୟରେ ମୁଁ ଦୁଇଟି ମନ୍ତବ୍ୟ ଶୁଣି ବିଚଳିତ ହୋଇ ପଡ଼ିଛି । ପ୍ରଥମଟି ହେଲା, ଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀ ସଲମନ ଖୁର୍ସିଦ ଲଣ୍ଡନରେ ଦେଇଥିବା ଭାଷଣରେ ଆମ ଦେଶର ସୁପ୍ରିମ କୋର୍ଟ ଓ ନିର୍ବାଚନ ଆୟୁକ୍ତ ଉଭୟେ ନିଜ ଅଧିକାରର ପରିସର ବାହାରେ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି । ସେ ବିଶ୍ୱାସ କରନ୍ତି କି କିଛି ଅଣନିର୍ବାଚିତ ପ୍ରତିନିଧି ଭାରତର ଗଣତନ୍ତ୍ରକୁ ପରିଚାଳନା କରିବା ସମ୍ଭବପର ନୁହେଁ । କାରଣ ନିର୍ବାଚିତ ପ୍ରତିନିଧି ହିଁ ସାର୍ବଭୌମ୍ୟତାର ଇଚ୍ଛା ରଖିଥାଆନ୍ତି ।

ଭାରତର ସମ୍ବିଧାନରେ ସମସ୍ତଙ୍କର କ୍ଷମତାର ପରିସର ଖୁବ ସ୍ପଷ୍ଟ । ବ୍ୟବସ୍ଥାପକ ସଭା ଦ୍ୱାରା ଯେଉଁ ଆଇନ ପ୍ରସ୍ତୁତ କରାଯାଇଥାଏ ତାହାକୁ ବୁଝାଇବାର ବା ସମାଲୋଚନା କରିବାର ଦାୟିତ୍ୱ କୋର୍ଟର । ସେ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟଙ୍କ କାର୍ଯ୍ୟକଳାପ ନ୍ୟାୟିକ ଦୃଷ୍ଟିରୁ ସଙ୍ଗତ କି ନୁହେଁ ତାହା ଦେଖିଥାଏ ଏବଂ ସେମାନଙ୍କ କ୍ଷମତାର ପରିସର ନିର୍ଦ୍ଧାରଣ କରିଥାଏ । ତେବେ କାର୍ଯ୍ୟକାରିଣୀ ସଦସ୍ୟମାନେ ହିଁ ସମସ୍ତ ନୀତି ନିୟମ ପ୍ରଣୟନ କରିଥାଆନ୍ତି । କୋର୍ଟ କେବଳ କେଉଁଟି ଅଣବୈଧାନିକ ବା ସ୍ୱେଚ୍ଛାଚାରୀ ତାହାକୁ ରୋକିବ ଓ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦେବ । ଯଦି କାର୍ଯ୍ୟକାରିଣୀ ସଦସ୍ୟଙ୍କ ଦ୍ୱାରା କୌଣସି ନୂତନ ନିୟମ ପ୍ରଣୟନ କରାଗଲା ତେବେ କୋର୍ଟ ତାହାର କାରଣ ପଚାରିପାରେ । କାରଣ କୋର୍ଟ ସାମ୍ବିଧାନିକ ଦୃଷ୍ଟିରୁ କେଉଁଠି ଠିକ ଓ କେଉଁଟି ଭୂଲ ତାହାକୁ ନିର୍ଣ୍ଣୟ କରିବ । ତାହାକୁ ଆମେ ' ଜଜ ମେଡ଼ ଲ ' ବୋଲି କହିଥାଉ । ଏହା ସତ୍ୟ ଯେ ସୁପ୍ରିମ କୋର୍ଟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ପାଇଁ କିଛି ନୀତି ନିୟମ, କଟକଣା ଓ ନିର୍ଦ୍ଦେଶ ଦେଇଥାଏ । ମାତ୍ର ବର୍ତ୍ତମାନ ଉକ୍ତ କ୍ଷମତାକୁ କିଛି ନ୍ୟାୟିକ ଘୋଷଣା ଦ୍ୱାରା ମୂଳୋତ୍ପାଟନ କରାଯାଇଛି । ତେବେ ତାହା କ୍ୱଚିତ ଦେଖାଯାଏ । ନିର୍ବାଚନ ପାଇଁ ନୀତି ନିୟମ ଭାରତର ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନର ଦାୟିତ୍ୱ ହେଉଛି ନିର୍ବାଚନ ଆୟୁକ୍ତଙ୍କର । ସେ ମଧ୍ୟ ତାଙ୍କ କାର୍ଯ୍ୟକୁ ସୁଚାରୁ ଭାବରେ ପରିଚାଳନା କରନ୍ତି । ଯେଉଁଥିପାଇଁ ଆଜି ଦେଶର ଗଣତନ୍ତ୍ର ପ୍ରତିଷ୍ଠିତ । ନିର୍ବାଚନର ଆଚରଣ ବିଧି ଯଦିଓ ପ୍ରଥମରୁ ଏହାର ଢ଼ାଞ୍ଚା ନଥିଲା ତଥାପି ବର୍ତ୍ତମାନ ସମ୍ବିଧାନର ଧାରା

୩୨୪ ଅନୁଯାୟୀ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ନିୟମ କାନୁନ ତିଆରି କରିବାର ସର୍ବୋଚ୍ଚ କ୍ଷମତା ନିର୍ବାଚନ ଆୟୁକ୍ତଙ୍କୁ ଦିଆଯାଇଛି । ୨୦୦୨ ମସିହାଠାରୁ ମଧ୍ୟ ଏଥିପାଇଁ ସୁପ୍ରିମକୋର୍ଟ ଠାରୁ ନ୍ୟାୟିକ କ୍ଷମତା ପାଇଛନ୍ତି । ତେଣୁ ଜଣେ ବରିଷ୍ଠ ମନ୍ତ୍ରୀ ନିଜ ଦେଶର ନ୍ୟାୟିକ ସଂସ୍ଥା ବା ଶାସନ ପଦ୍ଧତି ନେଇ ବିଦେଶରେ ସମାଲୋଚନା କରିବା କେତେ ଦୂର ଯଥାର୍ଥ ?

ଦ୍ୱିତୀୟ ବିଚଳିତ ମନ୍ତବ୍ୟ ଥିଲା ଅରବିନ୍ଦ କେଜ୍ରିୱାଲଙ୍କର ସେ କହିଛନ୍ତି କି ଗଣମାଧ୍ୟମ ହିଁ ମୋଦିଙ୍କ ପ୍ରବାହକୁ ପ୍ରବାହିତ କରୁଅଛି ଓ ସେମାନେ ମୋଦିଙ୍କ ଦ୍ୱାରା ପରିଚାଳିତ । ଏଥିପାଇଁ ସେମାନଙ୍କୁ ଦଣ୍ଡ ବିଧାନ ମଧ୍ୟ କରାଯାଇପାରେ ।

ଅରବିନ୍ଦ କେଜ୍ରିୱାଲ ଦିନକୁ ଦିନ ଲୋକପ୍ରିୟ ହୋଇ ଚାଲିଥିଲେ ମଧ୍ୟ ବର୍ତ୍ତମାନ ଜଣେ ଜନ ଆନ୍ଦୋଳନକାରୀ ଭାବରେ ସର୍ବ ବିଦ୍ଦିତ ହୋଇ ସାରିଲେଣି । ସେ ଯେକୌଣସି ବ୍ୟକ୍ତିକୁ ଯେକୌଣସି ସ୍ଥାନରେ ବିନା ଆଧାରରେ ମଧ୍ୟ ଦୋଷାରୋପ କରିପାରନ୍ତି । ଘଟଣାଟି ସତ୍ୟ ନହେଲେ ମଧ୍ୟ ବାରମ୍ବାର କରି ମିଥ୍ୟ ଘଟଣାକୁ ଉଚ୍ଚାରଣ କରି ତାକୁ ସତ୍ୟ ବୋଲି କହିଚାଲନ୍ତି । ବହୁ କ୍ଷେତ୍ରରେ ତାଙ୍କର ଆଦର୍ଶ ବୋଲି ହିଁ କିଛି ନଥାଏ । ସେ କେବଳ ବିଶୃଙ୍ଖଳିତ ଜନତାଙ୍କ ମନୋଭାବକୁ ଲକ୍ଷ୍ୟ କରି ଥାଆନ୍ତି । ଏଭଳି ବ୍ୟକ୍ତି ଗଣତନ୍ତ୍ର ଶାସନ ପାଇଁ ଏକ ବିରାଟ ବିପଦ କହିଲେ ମଧ୍ୟ ଭୂଲ ହେବନାହିଁ । ସେ ଗଣମାଧ୍ୟମ ନେଇ ଯାହା ପ୍ରକାଶ କରିଛନ୍ତି ତାହାକୁ ନିଜେ ଅସ୍ୱୀକାର କଲେ ମଧ୍ୟ କ୍ୟାମେରା ଆଗରେ ଯାହା ରେକର୍ଡ଼ କରାଯାଇଛି ତାହାକୁ କଅଣ ଅସ୍ୱୀକାର କରିପାରିବେ ?

ସଲମନ ଖୁର୍ସିଦ ଓ ଅରବିନ୍ଦ କେଜ୍ରିୱାଲ କାହିଁକି ଦେଶର ସାମ୍ବିଧାନିକ ସଂସ୍ଥା, ନ୍ୟାୟିକ ସଂସ୍ଥା ଓ ଗଣମାଧ୍ୟମ ଓ ନିର୍ବାଚନ ଆୟୁକ୍ତଙ୍କ ଉପରେ କ୍ରୋଧାନ୍ୱିତ ? ଏହି ସମାଲୋଚନା ଏକ ପକ୍ୱ ରାଜନୀତିଜ୍ଞର ଲକ୍ଷଣ ନୁହେଁ । ନିର୍ବାଚନରେ ଜୟଲାଭ କରିବା ବା ପରାଜୟ ଲାଭ କରିବା ନିର୍ବାଚନ ପଦ୍ଧତିର ଏକ ଅଂଶ ବିଶେଷ । ଭାରତର ଗଣତନ୍ତ୍ର ଚିର ଶାଶ୍ୱତ ହେଲେ ମଧ୍ୟ ଏଠି ମଣିଷ ଶାଶ୍ୱତ ନୁହେଁ । ତେଣୁ ନିର୍ବାଚନରେ ପରାଜୟ ଲାଭ କରିବାର ସମ୍ଭାବନାରେ ଉଭୟେ ନିରାଶ ହୋଇ ଗଣମାଧ୍ୟମ ଓ ସାମ୍ବିଧାନିକ ସଂସ୍ଥା ଉପରେ ବିଶ୍ୱାସ ହରାଇ ବସିଛନ୍ତି ।